ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଓ ୍ୈଷୟିକ ଫିଶ୍ୱଫିଦ୍ୟା□ୟ

ଭୁବନେଶ୍ୱର, ଓଡ଼ିଶା


# କୃଷି ଉପଦେଶ ପ୍ରସାରିତ ସମାଚାର

**ତାରିଖ : 20-01-2026**

**କେନ୍ଦ୍ରାପଡା(ଓଡିଶା) - :2026-01-20 ( ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)**

| ପାଣିପାଗ କାରକ | 2026-01-21 | 2026-01-22 | 2026-01-23 | 2026-01-24 | 2026-01-25 |
|---|---|---|---|---|---|
| ବର୍ଷା (ମିମି) | 0.0 | 0.0 | 0.0 | 0.1 | 0.0 |
| ସର୍ବାଧିକ ତାପମାତ୍ରା (°ସେଲସିୟସ) | 27.6 | 27.7 | 27.1 | 27.0 | 28.2 |
| ସର୍ବନିମ୍ନ ତାପମାତ୍ରା (°ସେଲସିୟସ) | 15.6 | 16.5 | 16.6 | 16.7 | 16.5 |
| ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ) | 81 | 88 | 88 | 88 | 87 |
| ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ) | 34 | 36 | 42 | 43 | 38 |
| ପବନର ବେଗ (କିମି ପ୍ରତି ଘଣ୍ଟା) | 7.2 | 7.4 | 9.8 | 8.2 | 6.6 |
| ପବନର ଦିଗ (ଡିଗ୍ରୀ) | 307 | 321 | 306 | 322 | 299 |
| ମେଘାଚ୍ଛନ (ଅକ୍ଟା) | 0 | 0 | 0 | 0 | 0 |
| ସତର୍କବାଣୀ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ | କୌଣସି ସତର୍କତା ନାହିଁ |

## ପୂର୍ବାନୁମାନ ସାରାଂଶ:

ଭାରତୀୟ ପାଣିପାଗ ବିଭାଗ ର ପୂର୍ବନୁମାନ ଅନୁସାରେ, ଜିଲ୍ଲାରେ ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବାର ସମ୍ଭାବନା ରହିଅଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ଆକାଶ ପରିଷ୍କାର ରହିବାର ସମ୍ଭାବନା ରହିଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ପବନ ୦୭ – ୧୦ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ଆଗାମୀ ୫ ଦିନ ପର୍ଯ୍ୟନ୍ତ ସର୍ବୋଚ୍ଚ ତାପମାତ୍ରା ୨୭ – ୨୮ °C ମଧ୍ୟରେ ରହିବାର ସମ୍ଭାବନା ଥିବାବେଳେ ସର୍ବନିମ୍ନ ତାପମାତ୍ରା ୧୬ – ୧୭ °C ମଧ୍ୟରେ ରହିବାର ସମ୍ଭାବନା ରହିଅଛି ।

## ଆବହାବିକ ସତର୍କତା (ପରବର୍ତ୍ତୀ ଦିନ 08:30 IST ଯାଁଚାଯିବାକୁ):

| |
|---|
| କୌଣସି ଚେତାବନୀ ନାହିଁ । |

### ଆବହାବିକ ସତର୍କତାର କୃଷି ଉପରେ ସମ୍ଭାବ୍ୟ ପ୍ରଭାବ ଓ ସଂଶ୍ଳିଷ୍ଟ ଏଗ୍ରୋମେଟ ପରାମର୍ଶ:

| |
|---|
| ନାହିଁ |

### ସାଧାରଣ ଉପଦେଶ:

| |
|---|
|  ପନିପରିବା ତଳି ଘେରାକୁ କମ ତାପମାତ୍ରା ରୁ ରକ୍ଷା କରିବା ପାଇଁ ନଡା ଦ୍ଵାରା ଆଚ୍ଛାଦିକରଣ କରନ୍ତୁ ।  କୁହୁଡି, କମ ତାପମାତ୍ରା ଓ ଆଦ୍ରତା ଚାପରୁ କ୍ଷତି ନ ହେବା ପାଇଁ, ଛିଡା ହୋଇଥିବା ଫସଲ ଓ ପନିପରିବା ରେ ହାଲୁକା ଜଳସେଚନ କରନ୍ତୁ ।  ଧାନ ରେ ମୂଳ ସଢା ରୋଗ ର ପରିଚାଳନା ପାଇଁ ଏକର ପ୍ରତି ୪୦୦-ଗ୍ରାମ Metalaxyl ଓ Mancozeb ମିଳିତ ଫିମ୍ପିନାଶକ କିମ୍ବା ୪୦୦-ଗ୍ରାମ Carbendazim ଓ Mancozeb ର ମିଳିତ ଫିମ୍ପିନାଶକ ୨୦୦-ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।  ଯେଉଁ ଜମି ରେ ଜିଙ୍କ ର ଅଭାବ ଦେଖା ଦେଉଛି , ଜିଙ୍କ ସଲଫେଟ(୨୧%) କୁ ୧୦ କେଲୋଗ୍ରାମ/ଏକର ହିସାବରେ ପ୍ରୟୋଗ କରନ୍ତୁ।  ଡାଲୁଅ ଧାନ ପ୍ରତି ହିଡ ରେ ୧୫ ସେମି ବ୍ୟବଧାନ ରେ ୨ ରୁ ୩ ଟି ଚାରା ଲଗାନ୍ତୁ ଓ ହିଡ କୁ ହିଡ ର ବ୍ୟବଧାନ ୧୦ ସେମି ରଖନ୍ତୁ । ଧାନ ତଳି ଉପାଡିବା ୨ ରୁ ୩ ଦିନ ପୂର୍ବ ରୁ ୨-୩ ସେମି ଠିଆ ପାଣି ରଖନ୍ତୁ ।  ଆଖୁ ଫସଲରେ ଘାସ ନିୟନ୍ତ୍ରଣ ପାଇଁ ବିହନ ଲଗାଇବାର 3 ଦିନ ମଧ୍ୟରେ ଏକର ପ୍ରତି ୮୦୦-ଗ୍ରାମ Atrazine ନାମକ ଘାସମରା ଔଷଧ କିମ୍ବା ୪୦୦-୫୦୦ ଗ୍ରାମ Metribuzin ନାମକ ଘାସମରା ଔଷଧ ୨୦୦- ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।  ବର୍ତମାନ ଲାଗିଥିବା କୋବି ଜାତୀୟ ପନିପରିବା କୁ ଥଣ୍ଡା ଦାଉରୁ ରକ୍ଷା କରିବା ପାଇଁ କାଗଜ ଠୁଙ୍ଗା ଦ୍ଵାରା ଘୋଡାଇ ରଖନ୍ତୁ ।  ବର୍ତମାନ ତାପମାତ୍ରା କମ ରହୁଥିବାରୁ କୁକୁଡା ଘରେ ତାପମାତ୍ରା ନିୟନ୍ତ୍ରଣ କରିବା ପାଇଁ କୁକୁଡା ଗୃହ ରେ ଇଲେକଟ୍ରିକ ବଲବ କିମ୍ବା ହିଟର ଲଗାନ୍ତୁ ଓ ପୋଲିଥିନ କିମ୍ବା ଝୋଟ ଅଖା ଦ୍ଵାରା ଆଚ୍ଛାଦିକରଣ କରନ୍ତୁ । |

### ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

| |
|---|
|  ପନିପରିବା ତଳି ଘେରାକୁ କମ ତାପମାତ୍ରା ରୁ ରକ୍ଷା କରିବା ପାଇଁ ନଡା ଦ୍ଵାରା ଆଚ୍ଛାଦିକରଣ କରନ୍ତୁ । |

### ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଧାନ |  ଘାସ ନିୟନ୍ତ୍ରଣ (ପ୍ରାକ-ତୃଣକମାରି) ଧାନ ରୋଇବାର ୩ ଦିନ ମଧ୍ୟରେ ଏକର ପ୍ରତି ୮୦୦ ମି.ଲି. Pretilachlor ନାମକ ଘାସମରା ଔଷଧ ଯାହାକି Rifit ବା Craze ନାମରେ ମିଳୁଛି କିମ୍ବା ୪୦- ଗ୍ରାମ Oxadiargyl ନାମକ ଘାସମରା ଔଷଧ ଯାହାକି Top star ବା Oximain ନାମରେ ମିଳୁଛି କିମ୍ବା ୮୦ ଗ୍ରାମ Pyrazosulfuran Ethyl ଘାସମରା ଔଷଧ ଯାହାକି Saathi ବା Kilog ନାମରେ ମିଳୁଛି କିମ୍ବା ୪ କିଲୋଗ୍ରାମ Bensulfuran methyl ଓ Pretilachlor ର ମିଶ୍ରିତ ଘାସମରା ଔଷଧ ଯାହାକି Londax Power ବା Erase Strong ନାମରେ ମିଳୁଛି, ପ୍ରୟୋଗ କରନ୍ତୁ। ମନେରଖନ୍ତୁ ଘାସମରା ଔଷଧ କୁ ଏକର ପ୍ରତି ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ୨୦ କିଲୋଗ୍ରାମ ବାଲି ରେ ମିଶାଇ ସମାନ ଭାବରେ ଜମି ରେ ପ୍ରୟୋଗ କରନ୍ତୁ । ସର୍ବଦା ଘାସମରା ଔଷଧ କୁ ସଫା ପାଣିରେ ମିଶାଇ ଫ୍ଲାଟ ଫେନ କିମ୍ବା ଜେଟ ନୋଜଲ ଥିବା ସ୍ପ୍ରେୟର ରେ ସିଞ୍ଚନ କରନ୍ତୁ । |
| ମୁଗ |  ସମ୍ବାଲୁଆ ପୋକ ମୁଗ ଏବଂ ବରି ଫସଲ ରେ ସମ୍ବାଲୁଆ ପୋକ ର ପରଚାଳନା ପାଇଁ ଏକର ପ୍ରତି ୪୦୦ ମିଲି Chlorpyriphos ଏବଂ Cypermethrin ର ମିଳିତ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ପୋକ ଗୁଡିକ ରାତ୍ରିଚର ହୋଇଥିବାରୁ କୀଟନାଶକ କୁ ସନ୍ଧ୍ୟା ସମୟରେ ପ୍ରୟୋଗ କରନ୍ତୁ । ଏକର ପ୍ରତି ୧୦ କିଲୋଗ୍ରାମ chlorpyriphos ଗୁଣ୍ଡ କୁ ହିଡ ଉପରେ ପ୍ରୟୋଗ କରନ୍ତୁ। |

| ଶସ୍ୟ | ଶସ୍ୟ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ବାଦାମ | □ ଧବଳ ଭୃଙ୍ଗ ପୋକ ଚିନାବାଦାମ ରେ ଧବଳ ଭୃଙ୍ଗ ପୋକ ର ନିୟନ୍ତ୍ରଣ ପାଇଁ ଏକ ଲିଟର ପାଣିରେ ୬ ମିଲି Chloropyriphous କିମ୍ବା ୧ ମିଲି Imidacloprid ୩୦.୫ sc ମିଶାଇ ଗଛ ମୂଳ କୁ ଭିଜନ୍ତୁ । □ କାଣ୍ଡ ପଚା ରୋଗ ଚିନାବାଦାମ ଫସଲରେ କାଣ୍ଡ ପଚା ରୋଗ ର ପରିଚାଳନା ପାଇଁ ଏକର ପ୍ରତି ୪୦୦ ମି.ଲି Validamycin କିମ୍ବା ୩୦୦ ଗ୍ରାମ Captan ଓ Hexaconazole ର ମିଶ୍ରିତ ଫିମ୍ପିନାଶକ, ୨୦୦ ଲିଟର ପାଣିରେ ମିଶାଇ ମାଟିକୁ ଭଲ ଭାବରେ ଭିଜାନ୍ତୁ । |

## ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ଉଦ୍ୟାନକୃଷି | ଉଦ୍ୟାନକୃଷି ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କାଓପିଇ | □ ସମ୍ବାଲୁଆ ପୋକ ସଂକ୍ରମଣ ଦେଖାଦେଲେ ପ୍ରତି ଲିଟର ପାଣିରେ ଫ୍ଲୁବେଣ୍ଡିଆମାଇଡ୍ ୩୯.୩୫% ଏସ୍.ସି. @ ୮୦ ମି.ଲି ଏକର ପ୍ରତି ୨୦୦ ଲିଟର ମିଶାଇ ସିଞ୍ଚନ କରନ୍ତୁ \| □ ସର୍କୋସ୍ପୋରା ଜନିତ ପତ୍ରପୋଡା ରୋଗ ଦେଖାଦେଲେ ୨୦୦ ମି.ଲି. ଡାଇଫେନୋକୋନାଜୋଲ୍ ୨୫% ଇ.ସି. କିମ୍ବା ୪୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୧୨% + ମାନକୋଜେବ୍ ୬୩% ଡବ୍ଲୁ.ପି. ମିଶ୍ରିତ ଫିମ୍ପି ନାଶକ ଏକର ପ୍ରତି ୨୦୦ ଲିଟର ମିଶାଇ ସିଞ୍ଚନ କରନ୍ତୁ \| |
| ଟମାଟର | □ ସଅଳ ପତ୍ର ପୋଡା ଏବଂ ଉଛୁର ପତ୍ର ପୋଡା ଟମାଟୋ ଫସଲ ରେ ସଅଳ ପତ୍ର ପୋଡା ଏବଂ ଉଛୁର ପତ୍ର ପୋଡା ରୋଗର ପରିଚାଳନା ପାଇଁ ଏକର ପ୍ରତି ୬୦୦ ଗ୍ରାମ Mancozeb ନାମକ ଫିମ୍ପିନାଶକ କିମ୍ବା ୫୦୦ ଗ୍ରାମ Zineb ନାମକ ଫିମ୍ପିନାଶକ, ୨୦୦ ଲିଟର ପାଣିରେ ମିଶାଇ ୭ ଦିନ ଅନ୍ତର ରେ ୨ ରୁ୩ ଥର ସିଂଚନ କରନ୍ତୁ । |
| ଆଳୁ | □ ଆଳୁ ଶଲଭ କୀଟ ଏହି କୀଟ ର ପରିଚାଳନା ପାଇଁ ଆଳୁ ଶଲଭ କୀଟ ଉପଦ୍ରବ ଅଞ୍ଚଳ ରେ ୧୦ ସେମି ଗଭୀର ରେ ଆଳୁ ବିହନ ଲଗାନ୍ତୁ । ଆଳୁ ଖୋଳିବା ପରେ ଅଧିକ ସମୟ ଖୋଲା ରେ ରଖନ୍ତୁ ନାହିଁ । ରାସାୟନିକ ଉପାୟରେ ଏହି କୀଟର ପରିଚାଳନା ପାଇଁଏକର ପ୍ରତି ୭୫ ମିଲି Spinosad ନାମକ କୀଟନାଶକ କିମ୍ବା ୮୦ ଗ୍ରାମ Emamectin Benzoate ନାମକ କୀଟନାଶକ କିମ୍ବା ୮୦ ମି.ଲି Chlorantraniliprole ନାମକ କୀଟନାଶକ, ୨୦୦ ଲିଟର ପାଣିରେ ମିଶାଇ ଫସଲ ଉପରେ ସିଞ୍ଚନ କରନ୍ତୁ। |
| କଦଳୀ | □ ସିଗାଟୋକା ପତ୍ରଦାଗ ରୋଗ ଦେଖାଦେଲେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ ୧୨% + ମାନକୋଜେବ୍ ୬୩% ଡବ୍ଲୁ.ପି. କିମ୍ବା କ୍ଲୋରୋଥାଲୋନିଲ୍ ୭୫% ଡବ୍ଲୁ.ପି. ମିଶାଇ ପତ୍ର ସିଞ୍ଚନ କରନ୍ତୁ । |
| ମରିଗଲଦ | □ କଢ଼ ଓ ଫୁଲଖିଆ ପୋକ ଦେଖାଦେଲେ ପ୍ରତି ଲିଟର ପାଣିରେ ୨ ମି.ଲି. କ୍ଲୋରପାଇରିଫସ୍ ୨୦% ଇ.ସି. କିମ୍ବା ୨ ମି.ଲି. କ୍ୱିନାଲଫସ୍ ୨୫% ଇ.ସି. କିମ୍ବା ୨ ମି.ଲି. ପ୍ରୋଫେନୋଫସ୍ ୫୦% ଇ.ସି. ମିଶାଇ ପତ୍ର ସିଞ୍ଚନ କରନ୍ତୁ । |

## ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ପଶୁ ପାଳନ | ପଶୁ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| ଗାଈ | □ ଗାଈଗୋରୁ ମାନଙ୍କୁ FMD, Haemorrhagic Septicaemia, Black Quarter, Enterotoxemia ଆଦି ରୋଗ ପାଇଁ ଟୀକା କାରଣ କରନ୍ତୁ । □ ଶୀତ ସମୟ ରେ ପଶୁ ମାନଙ୍କୁ ଘର ମଧ୍ୟରେ ରଖନ୍ତୁ ଏବଂ ବାୟୁ ଚଳ ପ୍ରଚଳରେ ଧ୍ୟାନ ଦିଅନ୍ତୁ। ଓଦା ହୋଇଥିବା ନଡାକୁ ବା ପାଳକୁ ଗାଈଗୋରଙ୍କୁ ଖାଇବାକୁ ଦିଅନ୍ତୁ ନାହିଁ । ଖାଇବାକୁ ଦେବା ପୂର୍ବରୁ ଖରାରେ ଭଲ ଭାବରେ ଶୁଖାଇ ଦିଅନ୍ତୁ । □ ଓଦା ସନ୍ତସନ୍ତିଆ ଅଂଚଳକୁ ଗାଈଗୋରଙ୍କୁ ଚରିବାକୁ ଛାଡନ୍ତୁ ନାହିଁ । ନଚେତ୍ ଗାଈଗୋରଙ୍କୁ ଆଖିଧରା ରୋଗ ହେବାର ସମ୍ଭାବନା ଥାଏ । |

## ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

| ମତ୍ସ୍ୟ ପାଳନ | ମତ୍ସ୍ୟ ପାଳନ ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ |
|---|---|
| କମନ କାର୍ପ | □ ଶୀତ ଋତୁ ରେ ମାଛ ମାନଙ୍କୁ "EUS" (Epizootic ulcerative syndrome) ରୋଗ ହେବା ର ସମ୍ଭାବନା ଅଛି । ତେଣୁ ଏକର ପ୍ରତି cifax @ ୪୦୦ ମିଲି ୪୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ । ମାଛ ପୋଖରୀ ରେ ଜୈବିକ ପଦାର୍ଥ ଯଥା ଗୋବର ଖତ, କୁକୁଡା ମଳ ଇତ୍ୟାଦି ପ୍ରୟୋଗ କରନ୍ତୁ ନାହିଁ । |

### ଆବହାବିକ ସତର୍କତାର ସମ୍ଭାବ୍ୟ ପ୍ରଭାବ (ସାଧାରଣ):

| |
|---|
| ନାହିଁ |

### ପ୍ରଭାବ ଆଧାରିତ ପରାମର୍ଶ (ସାଧାରଣ):

| |
|---|
| ନାହିଁ |

**Farmers are advised to download Unified �Mausam� and "Meghdoot" android application on mobile for Weather forecast and weather based Agromet Advisories and "Damini" android application for forecast of Thunderstorm and lightening.**

**Mausam MobileApp link: https://play.google.com/store/apps/details/**

**Meghdoot MobileApp link: https://play.google.com/store/apps/details**

**Damini MobileApp link : https://play.google.com/store/apps/details**